# Akashvani, Sambalpur

## SAMBALPURI NEWS BULLETIN

### 06 October 2025 – 6.47- 6.52 am.

***********************************************

ମାଇ ଭାରତ୍ ଏନ୍ଏସ୍ଏସ୍ ପୁରସ୍କାର୍ ପି.ଆଇ.ବି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ମାଇ ଭାରତ୍ ଏନ୍ଏସ୍ଏସ୍ ପୁରସ୍କାର୍-୨୦୨୨-୨୩ ପ୍ରଦାନ୍ କର୍ବେ । ଜାତୀୟ ସେବା ଯୋଜ୍ନାର୍ ୟୁଆନ୍ ସ୍ୱେଚ୍ଛାସେବୀମାନ୍କର୍ ପ୍ରଶଂସନୀୟ ଅବଦାନ୍, ସମର୍ପଣ, ସେବା ଆଉ ନେତୃତ୍ୱକେ ସମ୍ମାନ୍ ଜନାବାର୍ ଲାଗି ଇ ପୁରସ୍କାର୍ ଦିଆଯିବା । ରାଷ୍ଟ୍ରପତି ଭବନ୍ ଠାନେ ହେବାର୍କେ ଥିବା ସମାରୋହଥି କ୍ରୀଡ଼ା ବିଭାଗ୍ର ମନ୍ତ୍ରୀ ଆଉ ଅଧିକାରୀମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆପଡ଼ା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ନୂଆପଡ଼ା ମିନିଷ୍ଟାଡ଼ିୟମ୍ ଠାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନସଭାକେ ଉଦ୍ବୋଧନ୍ ଦେବେ ।

ଇତାର୍‌ସଙ୍ଗେ ୧ ହଜାର୍ ଶହେ କୋଟି ନୁ ଅଏତ୍‌କା ଟଙ୍କାର୍ ୯ ଶହ ୫୭ ଟା ନୂଆଁ ପ୍ରକଳ୍ପର୍ ଘୋଷ୍‌ନା ସହେତେ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍‌ଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ପୁଲିସ୍ ଏସ୍‌ଆଇ ପରୀକ୍ଷା-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁଲିସ୍ ଏସ୍‌ଆଇ ପରୀକ୍ଷା ପରିଚାଳନା ବେଲ୍‌କେ ଅନିୟମିତତା ଘଟ୍‌ନାଥି ଶୂନ୍ୟ ସହନଶୀଳ ନୀତି ଅପ୍‌ନାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଦୁର୍ନୀତିକେ ବର୍ଦାସ୍ତ ନାଇଁ କରାଯାଏ । ଇଥି ସମ୍ପୃକ୍ତ ସବୁ ଦୋଷୀଙ୍କୁ ଗିରଫ୍ କରାଯାଇକରି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇତାର୍ ସହେତେ ସବୁ ବିଭାଗ୍ ନ ହେଉଥିବା ପରୀକ୍ଷାର୍ ଆୟୋଜନ୍‌ଥି ସ୍ୱଚ୍ଛତା ରଖ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଉତ୍‌ରୁ ପହେଲା କରି ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ପରୀକ୍ଷା ପରିଚାଳନା ଲାଗି ଗୁଟେ ମାର୍ଗଦର୍ଶିକା ଜାରି କରାଯାଇଛେ । ଇ ମାର୍ଗଦର୍ଶିକାକେ ସବୁ ବିଭାଗ୍ ପାଲନ୍ କର୍‌ବାର୍ ଲାଗି ଚିଠି ଜରିଏ ନିର୍ଦ୍ଦେଶ୍ ଦିଆଯାଇଛେ ।

କଟକ୍- ଇଂଟର୍‌ନେଟ୍ ସେବା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦୁର୍ଗାପୂଜା ଭସାଣି ବେଲେ କଟକ୍ ନ ଦେଖାଦେଇଥିବା ଗଣ୍ଡଗୋଲ୍‌କେ ଆଏତ୍ କର୍‌ବାର୍ ଲାଗି ପ୍ରଶାସନ୍ ତର୍‌ଫୁ ୨୪ ଘଂଟା ଲାଗି ମୋବାଇଲ୍ ଇଂଟର୍‌ନେଟ୍ ସେବା ବନ୍ଦ୍ କରାଯାଇଛେ । ଇ କଟ୍‌କନା ଗଲାକାଏଲ୍ ବେଲ୍‌ବୁଡ଼ର୍ ୭ ବଜେନୁ ଆଏଜ୍ ବେଲ୍‌ବୁଡ଼ର୍ ୭ ବଜେତକ୍ ଲାଗୁ ରହେବା । ସେଆଡ଼େ ଭାଇଚାରାର୍ ସହର୍ କଟକ୍ ନ ଶାନ୍ତିଶୃଙ୍ଖଲା ରକ୍ଷା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୁକ୍‌କୁ ନିବେଦନ୍ କରିଛନ୍ । ହଜାର୍ ହଜାର୍ ବଛର୍ ପୁର୍‌ନା କଟକ୍ ସହରର୍ ପୁର୍‌ନା ଗୌରବ୍‌କେ ବଜାୟ ରଖ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିବେଦନ୍ କର୍‌ବାର୍

ସହେତେ ବିଶୃଙ୍ଖଲା କରୁଥିବା ଲୁକ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ-କୋମ୍‌ନା ନୂଆପଡ଼ା ସମ୍ବାଦଦାତା

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍‌ର କୋମ୍‌ନା ଆଉ ଭେଲା ସ୍ୱାସ୍ଥ୍ୟକେନ୍ଦ୍ର କେ ଯାଇକରି ଥିତି ସମୀକ୍ଷା କରିଛନ୍ । ଭେଲା ଡାକ୍ତର୍‌ଖାନା କୋଠା ବହୁତ୍ ପୁର୍‌ନା ହେଇଥିବାର୍ ବେଲେ ନୂଆଁ ଜମି ଚିହ୍ନଟ୍ କରିକରି ଭିତିଭୂମିର୍ ବିକାଶ୍ ଲାଗି ଇ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ଡାକ୍ତର୍‌ଖାନା ନ ରୋଗୀମାନ୍‌କୁ ଭେଟିକରି ଚିକିତ୍ସା ସୁବିଧା ବାବ୍‌ଦେ ପଚ୍‌ରେଇ ବୁଝିଥିଲେ । ସେନ୍ତା କୋମ୍‌ନା ଡାକ୍ତର୍‌ଖାନା ନ ଆବଶ୍ୟକତାକେ ନଜର୍‌ଥି ରଖିକରି ଅଧିକାରୀ ଆଉ ଜନପ୍ରତିନିଧି ମାନ୍‌କର୍ ଠାନୁ ଭିନ୍ ଭିନ୍ ପ୍ରସ୍ତାବ୍ ଗ୍ରହଣ୍ କରିଥିଲେ । ଡାକ୍ତର୍‌ଖାନାମାନ୍‌କେ ସୁବିଧା ଅସୁବିଧା ବୁଝିକରି ଖୋବ୍ ଜଲ୍‌ଦି ସମସ୍ୟା ମାନ୍‌କର୍ ସମାଧାନ୍ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ସମଲେଇମନ୍ଦିର-କୁମାର୍ ପୂର୍ଣ୍ଣିମା ସମ୍ବଲପୁର ସମ୍ବାଦଦାତା

ପବିତ୍ର କୁମାର୍ ପୂର୍ଣ୍ଣିମା ଅବ୍‌ସରେ ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ଆଏଜ୍ ରାଜରାଜେଶ୍ୱରୀ ବେଶଥି ଦର୍ଶନ୍ ଦେବେ । ଇ ଅବ୍‌ସରେ ମା’ଙ୍କର୍ ଖାସ୍ ନୀତିକାନ୍ତି କରାଯିବା । ଇ ବାବ୍‌ଦେ ସମଲେଇମନ୍ଦିରର୍ ପୂଜକ ସଘନ ରାୟ କହିଛନ୍....

(ଭଏସ୍ ଓଭର୍- ପୂଜକ)

ସୁବର୍ଣ୍ଣପୁର୍-ଭସାଣି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲାକାଏଲ୍ ଭସାଣି ଉତ୍ସବ୍ ହେଇଯାଇଛେ । ସୁବର୍ଣ୍ଣପୁର୍ ସହରେ ୫ ଟା ମେଢ଼ର ଭସାଣି ହେଇଥିଲା । ପାରମ୍ପାରିକ୍ ନାଚ୍‌ଗୀତ୍ ସାଙ୍ଗେ, ଘଂଟ, ଘଂଟା ବାଦ୍ୟ ଆଉ ଦୁଲ୍‌ଦୁଲିର୍ ତାଲେତାଲେ ଶୋଭାଯାତ୍ରା କରାଯାଇଥିଲା । ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ସାଂସ୍କୃତିକ୍ ଦଲ୍‌ମାନେ ଆସିକରି ଶୋଭାଯାତ୍ରାଥି ସାମିଲ୍ ହେଇଥିଲେ ।

ମହିଳା ବିଶ୍ୱକପ୍ କ୍ରିକେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀଲଙ୍କାର୍ ପ୍ରେମଦାସ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ମହିଳା ଦିନ୍‌କିଆ ବିଶ୍ୱକପ୍ କ୍ରିକେଟ୍‌ଥି ଭାରତୀୟ ଦଲ୍ ୮୮ ରନ୍‌ଥି ପାକିସ୍ତାନ୍‌କେ

ହରେଇଛେ । ଭାରତୀୟ ଦଲ୍ ପହେଲା ବେଟିଂ କରିକରି ୫୦ ଓଭର୍‌ଥି ୨ ଶହ ୪୭ ରନ୍ କରିଥିଲେ । ଜବାବଥି ପାକିସ୍ତାନୀ ଦଲ୍ ଶହେ ୫୯ ରନ୍‌ଥି ଅଲ୍‌ଆଉଟ୍ ହେଇଯାଇଥିଲେ । ବିଶ୍ୱକପ୍‌ଥି ଇଟା ଭାରତୀୟ ମହିଳା ଦଲ୍‌ର ୨ ନମ୍ବର୍ ବିଜୟ ଆଏ । ଆଏବା ୯ ତାରିଖ୍ ଦିନ ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଦଲ୍ ଭିତ୍‌ରେ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ଘଡ଼୍‌ଘଡ଼ି ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୯ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୯ ଦଶ୍‌ମିକ୍ ୬/୯ ଫୁଟ୍ ରହିଛେ ।